# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 August – 2026

********************************

## ମୁଖ୍ୟ ସମ୍ବାଦ

- ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବା ନେଇ  ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

– ଦିଲ୍ଲୀର ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ କଲେ ସମ୍ବୋଧନ

- ଭୁବନେଶ୍ୱର ରାଜ୍ୟସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କଲେ ମୁଖ୍ୟମନ୍ତ୍ରୀ

– ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ଯୁବବର୍ଗଙ୍କ ବିକାଶ ନେଇ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ କଲେ ଆଲୋକପାତ

ଏବଂ

- ଅବପାତ ଆଜି ସୁଦ୍ଧା ଦୁର୍ବଳ ହେବାର ସମ୍ଭାବନା; ଆସନ୍ତା ୨୪ ଘଣ୍ଟା ପାଇଁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ତିନୋଟି ଜିଲ୍ଲାକୁ ଜାରି ହେଲା ସତର୍କସୂଚନା

# ପି.ଏମ୍. - ଇଣ୍ଡିପେଣ୍ଡେନ୍ସ ଡେ

ଦେଶ ଆଜି ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଛି । ଏହି ଅବସରରେ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାରେ ଆୟୋଜିତ ଜାତୀୟସ୍ତରୀୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଭାରତୀୟ ବାୟୁସେନାର ୨ଟି ଏମ୍.ଆଇ.-୧୭ ହେଲିକପ୍ଟର ଦ୍ୱାରା ଆୟୋଜନ ସ୍ଥଳରେ ପୁଷ୍ପବୃଷ୍ଟି କରାଯିବାପରେ ଜାତୀୟ ପତାକା ଉତ୍ତୋଳନ ସହିତ ୨୧ ତୋପ ସଲାମୀର ପ୍ରଦର୍ଶନ କରାଯାଇଥିଲା ।

ଦେଶବାସୀଙ୍କୁ ଉଦ୍‌ବୋଧନ ପ୍ରଧାନମନ୍ତ୍ରୀ' ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ବଡ଼ ସ୍ୱପ୍ନ ଦେଖିବା ସହିତ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି । ନୂତନ ସଂକଳ୍ପ ସହିତ ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରଗତି ହେଉଛି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ବର୍ତ୍ତମାନ ପ୍ରତ୍ୟେକ ଭାରତୀୟ ମେକ୍ ଇନ୍ ଇଣ୍ଡିଆ ଏବଂ ଭୋକାଲ୍ ଫର୍ ଲୋକାଲ ଭାବନା ସହିତ ଦେଶ ପ୍ରଗତିରେ ନିଜକୁ ସାମିଲ୍ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଶ୍ରୀ ମୋଦି କହିଛନ୍ତି, ୨୦୧୪ ପରଠାରୁ ବର୍ତ୍ତମାନ ସୁଦ୍ଧା ଭାରତ ପ୍ରାୟ ୪୦ଟି ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି । ଏହାଦ୍ୱାରା ଭାରତୀୟ ବ୍ୟାବସାୟିକ ନେତୃବୃନ୍ଦ ଏବଂ ରପ୍ତାନୀକାରୀଙ୍କ ଲାଗି ପ୍ରଚୁର ସୁଯୋଗ ସୃଷ୍ଟି ହୋଇଛି । ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ଏହାର ସୁଯୋଗ ନେଇ ଭାରତୀୟ ଉତ୍ପାଦଗୁଡ଼ିକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ସପ୍ତଧାରା ନାମକ ୭ଟି ଶକ୍ତିଧାରାକୁ ଉପଯୋଗ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

***Voice (PM -Saptadhara ) :..***

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଏକବର୍ଷ ମଧ୍ୟରେ ଦେଶର ୧ କୋଟି ଯୁବକଙ୍କୁ କୃତ୍ରିମ ବୁଦ୍ଧିମତ୍ତାରେ ଦକ୍ଷ କରିବା ନେଇ ତାଲିମ ପ୍ରଦାନ କରାଯିବ ।

କ୍ରୀଡ଼ା ପ୍ରତିଭା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏଥିପାଇଁ ଗ୍ରାମ ତଥା ସହର ସ୍ତରରେ ପ୍ରତିଭା ଉନ୍ମେଷ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ୫ରୁ ୧୫ ବର୍ଷ ବୟସର ପିଲାଙ୍କୁ ଏଥିରେ ସାମିଲ କରାଯିବ ।

ଗରିବ ଏବଂ ମଧ୍ୟବିତ୍ତ ପରିବାରର ପିଲାଙ୍କୁ ବିଭିନ୍ନ କ୍ଷେତ୍ରରେ ପରୀକ୍ଷା ପାଇଁ ମାଗଣା ଅନଲାଇନ କୋଚିଂ ବ୍ୟବସ୍ଥା ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଜନଗଣନାକୁ ତ୍ରୁଟିମୁକ୍ତ କରିବା ପାଇଁ

ପ୍ରଧାନମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଡିଜିଟାଲ ମାଧ୍ୟମରେ ସଠିକ୍ ସୂଚନା ପ୍ରଦାନ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ଦିବସ

ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଜାତୀୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେଶର ସ୍ୱାଧୀନତା, ଅଖଣ୍ଡତା ପାଇଁ ବଳିଦାନ ଦେଇଥିବା ମହାନ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ଯୁବଶକ୍ତିର ବିକାଶ କରି ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଉଚ୍ଚଶିକ୍ଷାକୁ ଆହୁରି ବ୍ୟାପକ କରିବା ପାଇଁ ଉପାନ୍ତ ଜିଲ୍ଲାରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଏବଂ ଚାରୋଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ।

ରାଜ୍ୟରେ ଶିକ୍ଷାକୁ ଅଧିକ ସୁଯୋଗ ଓ ସାର୍ବଜନୀନ କରିବା ପାଇଁ ଚଳିତ ଶିକ୍ଷା ବର୍ଷରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନିଃଶୁଳ୍କ ପାଠ୍ୟପୁସ୍ତକ ପ୍ରଦାନ କରାଯିବ। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ଥିବା ସର୍ବାଧିକ ୬ଟି ସୁଯୋଗ ସୀମା ଉଚ୍ଛେଦ କରାଯାଇଛି। ଯାହାଦ୍ୱାରା

ଆଶାୟୀମାନେ ନିର୍ଦ୍ଧାରିତ ସର୍ବାଧିକ ବୟସ ସୀମା ପର୍ଯ୍ୟନ୍ତ ପରୀକ୍ଷା ଦେଇପାରିବେ ବୋଲି ଶ୍ରୀ ମାଝୀ କହିଛନ୍ତି ।

**- V/O -**

ରାଜ୍ୟର ସବୁ ଅଞ୍ଚଳକୁ ଯୋଡ଼ିବା ପାଇଁ ୩୧ ହଜାର କୋଟି ଟଙ୍କା ବିନିଯୋଗରେ ତିନୋଟି ପ୍ରମୁଖ ସଡ଼କ ଭିତ୍ତିଭୂମି ପ୍ରକଳ୍ପ ପାଇଁ ସରକାର ଯୋଜନା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

All PTC

# ଜିଲ୍ଲା– ସ୍ୱାଧୀନତା ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି ।

ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଭାବେ ଯୋଗଦେଇ କହିଛନ୍ତି, ରାଜ୍ୟର ସାମଗ୍ରୀକ ବିକାଶ ସହ ଗଞ୍ଜାମ ଜିଲ୍ଲାର ଉନ୍ନତି ପାଇଁ ସରକାର ପ୍ରତିବଦ୍ଧ । ଗ୍ରାମାଞ୍ଚଳର ବିକାଶ, କୃଷକ କଲ୍ୟାଣ, ମହିଳା ସଶକ୍ତୀକରଣ ଓ ଯୁବବର୍ଗଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି ଦିଗରେ ସରକାର ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି ।

ପୁରୀ ତାଳବଣିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ

ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନର ସ୍ମୃତିଚାରଣ କରିଥିଲେ।

ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ କରିବା ସହ ଏକ କଫି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।

କେନ୍ଦୁଝରରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

କୋରାପୁଟ ପୁଲିସ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମରୋହରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲ୍ଲାବାସୀଙ୍କ ଜୀବନ ମାନରେ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରକୁ ବିକଶିତ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ।

ଫୁଲବାଣୀଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ପରେଡରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ

ହୋଇଥିବା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।

ବଲାଙ୍ଗୀର ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ  ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ସହିଦମାନଙ୍କର ବଳିଦାନକୁ ଆଗାମୀ ପିଢ଼ି ସ୍ମରଣ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ନବରଙ୍ଗପୁର ଜିଲ୍ଲା ସଦର ମହକୁମାଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ ।

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ରଘୁରାମ ଆର.ଆୟାର ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ ।

ଯାଜପୁର ଜିଲ୍ଲା ସଦର ମହକୁମାଠାରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥିଭାବେ ଯୋଗଦେଇ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ ।

ନୟାଗଡ଼ ପୁଲିସ ଟ୍ରେନିଂ ସ୍କୁଲ ପଡ଼ିଆରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ ।

ବରଗଡ଼ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ମୁଖ୍ୟ ଅତିଥିଭାବେ ଯୋଗଦେଇ  ଜିଲ୍ଲାର ପଦ୍ମ ପୁରସ୍କାର ଓ ଜାତୀୟସ୍ତରରେ ପୁରସ୍କୃତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିଥିଲେ ।

ସୁବର୍ଣ୍ଣପୁରର ରାମେଶ୍ୱର ଷ୍ଟାଡିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ ଦେଶର ଅଖଣ୍ଡତା, ଜାତୀୟତା ଓ ସଂହତିଙ୍କୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଛନ୍ତି ।

ଦେବଗଡ଼ ଜିଲ୍ଲା ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୀବନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ।

ରାୟଗଡ଼ା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀମାନଙ୍କର ବଳିଦାନକୁ ସ୍ମରଣ କରିଥିଲେ ।

ନୂଆପଡ଼ା, ଝାରସୁଗୁଡ଼ା, ବୌଦ୍ଧ, ଭଦ୍ରକ, ଢେଙ୍କାନାଳ ଜିଲ୍ଲାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

ଓଡ଼ିଶା ହାଇକୋର୍ଟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ବିଚାରପତି ଜାତୀୟ ପତାକା ଉତ୍ତୋଳନ କରିବା ପରେ ବନ୍ଦେ ମାତରମ୍ ଓ ଜାତୀୟ ସଂଗୀତ ଗାନ କରାଯାଇଥିଲା।

Desk

## ମୁଖ୍ୟମନ୍ତ୍ରୀ– ରାଜ୍ୟସ୍ତରୀୟ ପଦକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ରାଜ୍ୟସ୍ତରୀୟ ପଦକ ପ୍ରଦାନ କରିଛନ୍ତି। ବିଶିଷ୍ଟ ସେବା ପାଇଁ ଦୁଇଜଣଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ପ୍ରତୀକ ମହାନ୍ତି, ଡିସିପି ପ୍ରଫୁଲ୍ଲ ସିଂହଙ୍କୁ ବିଶିଷ୍ଟ ସେବା ପାଇଁ ପଦକ ପ୍ରଦାନ କରାଯାଇଛି। ଉଲ୍ଲେଖନୀୟ ସେବା ପାଇଁ ୧୭ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଶ୍ରୀ ମାଝୀ ସମ୍ମାନିତ କରିଛନ୍ତି। ଉପ ଆରକ୍ଷୀ ଅଧୀକ୍ଷକ ଅତୁଲ କ୍ରିଷ୍ଣ ଦାସ, ଏ.ଏସ୍.ଆଇ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କନଷ୍ଟେବଲ ଘନଶ୍ୟାମ ସାହୁ, ଥବିର ମାଝୀଙ୍କୁ ସାହସିକତା ପାଇଁ ଏହି ପଦକ ପ୍ରଦାନ କରାଯାଇଛି।

Desk

## ବନ୍ୟା

ଝାଡଖଣ୍ଡ ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସଂଲଗ୍ନ ଅବପାତ ଆଜି ସୁଦ୍ଧା ଦୁର୍ବଳ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବା ନେଇ ସୁନ୍ଦରଗଡ, ଝାରସୁଗୁଡା ଓ ବରଗଡ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ରେ ସର୍ବାଧିକ ୧୩୫ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଅନ୍ୟପକ୍ଷରେ ମହାନଦୀରେ ବନ୍ୟା ପରିସ୍ଥିତିର ସମ୍ଭାବନା ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି । ଆଜି ଆଖୁଆପଦାଠାରେ ବୈତରଣୀ ନଦୀ, ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ହ୍ରାସ ପାଇଛି । ଦିନ ଗୋଟାଏ ସୁଦ୍ଧା ବାଲେଶ୍ୱର ଜିଲ୍ଲାର ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ବିପଦ ସଂକେତ ଉପରେ ପ୍ରଭାବିତ ହେଉଛି । ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର କେତେକ ଅଞ୍ଚଳ ଏବେ ମଧ୍ୟ ଜଳବନ୍ଦୀ ଘେରରେ ରହିଛି । ଏହି ସବୁ ଅଞ୍ଚଳରୁ ଆଉ ତିନିରୁ ଚାରିଦିନ ମଧ୍ୟରେ ପାଣି କମିଯିବ ବୋଲି ଶ୍ରୀ ରାଉତ କହିଛନ୍ତି ।